ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

**SESSION : 4**
**CLASS : v**
**SUBJECT : (ଓଡ଼ିଆ)**
**CHAPTER NUMBER:06**
**CHAPTER NAME: ମାନିଆରୁ ମାଡାମ କ୍ୟୁରୀ**
**SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ବିଷୟବସ୍ତୁ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ମାନିଆରୁ ମାଡାମ କ୍ୟୁରୀ ।

ଶୈଳେଶ ଚନ୍ଦ୍ର ପଟ୍ଟନାୟକ

ମାନିଆଙ୍କର କଲେଜ ପଢିବାପାଇଁ ପ୍ରବଳ ଇଚ୍ଛା । ଝିଅମାନଙ୍କର ଉଚ୍ଚଶିକ୍ଷା ପାଇଁ ସେତେବେଳେ ପରାଧୀନ ପୋଲାଣ୍ଡରେ କୌଣସି ବ୍ୟବସ୍ଥା ନ ଥାଏ । ସେଥିପାଇଁ ଫ୍ରାନ୍ସର ପ୍ୟାରିସ ନଗରକୁ ଯିବାକୁ ହେବ । ଅର୍ଥାଭାବ ଓ ଦାରିଦ୍ର୍ୟ ତାଙ୍କ ଆଗରେ ଏକ ବିରାଟ ପାହାଡ଼ ଭଳି ଠିଆ ହେଲା । ବାପା ଚାକିରିରୁ ଅବସର ନେଲେଣି,ବଡ଼ ଭଉଣୀ ବ୍ରନିଆ ବିବାହ କରି ଚାଲିଗଲେଣି । ମାନିଆ କେତେକ ଧନୀ ଲୋକଙ୍କ ଘରେ ଟିଉସନ କରି କିଛି ଅର୍ଥ ରୋଜଗାର କଲେ।ଦିନେ ସେ ସାମାନ୍ୟ ସଞ୍ଚିତ ଅର୍ଥ ଧରି ପିତାଙ୍କ ଠାରୁ ବିଦାୟ ନେଇ ପ୍ୟାରିସ ଚାଲିଗଲେ । ସେଠାରେ ସେ ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ନାମ ଲେଖାଇଲେ ।ମାନିଆର ବାପା ଅତି ଅଭାବରେ ଦିନ କାଟୁଥାନ୍ତି,ତଥାପି ନିଜ ଖର୍ଚ୍ଚରୁ କାଟି ଝିଅ ପାଇଁ ମାସକୁ ମାସ କିଛି ଟଙ୍କା ପଠାଉଥାନ୍ତି,କିନ୍ତୁ ବାପାଙ୍କର ଦାରିଦ୍ର୍ୟଠାରୁ ଝିଅର ଦାରିଦ୍ର୍ୟ ଅଧିକ । ରାତିରେ ଆଲୁଅ ଜାଳିବା ପାଇଁ ପାଖରେ ପଇସା ନ ଥାଏ । ଭଲ ପୋଷାକପତ୍ର,ଖାତାବହି ତ ଦୂରର କଥା ।

# କଠିନ ଶବ୍ଦର ଅର୍ଥ

ପ୍ରବଳ –ବହୁତ
ଅବସର –ଅବ୍ୟାହତି
ସଞ୍ଚିତ –ସଞ୍ଚୟ
ପ୍ରସିଦ୍ଧ –ବିଖ୍ୟାତ

# ମାନିଆରୁ ମାଡାମ କ୍ୟୁରୀ

ODM EDUCATIONAL GROUP
Changing your Tomorrow

ପ୍ୟାରିସରେ ଶୀତ ଦିନେ ପ୍ରବଳ ଥଣ୍ଡା । ଦେହ ହାତ ଅବଶ ହୋଇଯାଏ । ନିଜ ପାଖରେ ଥିବା ସମସ୍ତ ଲୁଗାପଟାକୁ ଦେହରେ ଘୋଡ଼ାଇ ଶୋଇଲେ ମଧ୍ୟ ଶୀତ ଦାଉରୁ ରକ୍ଷା ମିଳେନି ।ଶେଷରେ ସେ କାଠର ଚଉକିଟାକୁ ଟାଣିଆଣି ନିଜ ଉପରେ ଲଦି ଦିଅନ୍ତି । ସତେ ଯେପରି ଉତ୍କଟ ଦାରିଦ୍ର୍ୟ ମହାବଳ ବାଘ ଭଳି ପଞ୍ଝା ଖୋଲି ଶୀତ ରୂପରେ ତାଙ୍କୁ ମାଡ଼ି ବସେ ।ଦାରିଦ୍ର୍ୟବଶତଃ ଦିନେ ଦିନେ ସେ ଉପବାସ ରହିଯାଆନ୍ତି । ଆଉ କେଉଁ ଦିନ ଖଣ୍ଡେ ପାଉଁରୁଟି ଓ ସାମାନ୍ୟ ଟିକିଏ ଲହୁଣି ଖାଇ ଚଳାଇ ଦିଅନ୍ତି । ରନ୍ଧାଖାଦ୍ୟ ତାଙ୍କ ଭାଗ୍ୟରେ ପ୍ରାୟ ଜୁଟେ ନାହିଁ । ଖାଦ୍ୟପେୟର ଅଭାବ ଓ ନିଜର ଶରୀର ପ୍ରତି ଅଯତ୍ନ ଯୋଗୁଁ ସେ ଦିନକୁ ଦିନ ଦୁର୍ବଳ ହୋଇଗଲେ । ଦିନେ ସେ କୋଠରୀ  ରେ ବସି ପଢୁଛନ୍ତି ଯେ ପଢୁଛନ୍ତି । ସାରା ଦିନ କିଛି ଖାଇ ନାହାନ୍ତି । ମୁଣ୍ଡ ବୁଲାଇଦେଲା । ସେ ଚେତା ହରାଇ ତଳେ ପଡ଼ିଗଲେ । ଭାଗ୍ୟକୁ ସେ ସମୟରେ ତାଙ୍କର ଜଣେ ସାଙ୍ଗ ଆସି ପହଞ୍ଚିଗଲେ । ସେ ତାଙ୍କୁ ରକ୍ଷା କଲେ ।

# କଠିନ ଶବ୍ଦର ଅର୍ଥ

ଅବଶ –ଶିଥିଳ,ଅଚଳ
ଦାଉରୁ –ପ୍ରକୋପରୁ
ଉତ୍କଟ –ଭୀଷଣ
ଉପବାସ –ନ ଖାଇ
ଅଯତ୍ନ –ଯତ୍ନ ନ ନେବା

# ଗୃହକର୍ମ

ପଠିତାଂଶରୁ 'ଇ'କାର ଯୋଗ ଶବ୍ଦ ବାଛି ଲେଖ ।

# LEARNING OUTCOME:

ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ  ।

# THANKING YOU

# ODM EDUCATIONAL GROUP